



ଉମରକୋଟ, ନବରଙ୍ଗପୁର ଓ ବିଷମକଟକରେ ଜଗନ୍ନାଥଙ୍କ ନୃସିଂହ ବେଶ ।




ଗୁଣପୁର ଓ ଦୁର୍ଗୀଠାରେ ଜଗନ୍ନାଥଙ୍କ ବରାହ ଅବତାର ।

## ସଂକ୍ଷେପରେ

### ତାଲିମ ନେଇ ନିଜ ପଞ୍ଚାୟତକୁ ସଶକ୍ତ କରିବାକୁ ସରପଞ୍ଚଙ୍କୁ ପରାମର୍ଶ

ନବରଙ୍ଗପୁର/ନନ୍ଦାହାଣ୍ଡି, ୪।୭(ବି.ପ୍ର./ଡି.ଏନ୍.ଏ.)- ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ସହାୟତାରେ ଜିଲା ପ୍ରଶାସନ ପକ୍ଷରୁ ନବନିର୍ବାଚିତ ସରପଞ୍ଚମାନଙ୍କ ନିମନ୍ତେ ୫ ଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ସୋମବାର ଶୁଭାରମ୍ଭ କରାଯାଇଛି। ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଡିଆର୍‌ଡିଏ ପିଡି ରତ୍ନାକର ସାହୁଙ୍କ ଉପସ୍ଥିତିରେ ପ୍ରଥମ ପର୍ଯ୍ୟାୟରେ ନନ୍ଦାହାଣ୍ଡି, ଡାବୁଗାଁ ଓ କୋଷାଗୁମୁଡା ବ୍ଲକର ସରପଞ୍ଚମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ସରପଞ୍ଚମାନେ ଭଲଭାବେ ତାଲିମ ନେଇ ନିଜ ପଞ୍ଚାୟତକୁ ସଶକ୍ତ କରିବାରେ ସହାୟକ ହୁଅନ୍ତୁ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତାଲିମଦାତା ସନ୍ତୋଷ କୁମାର ଷଡ଼ଙ୍ଗୀ, ଓ ହବିବ ମହମ୍ମଦ ସରପଞ୍ଚମାନଙ୍କୁ ତାଲିମ ଦେବେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗର କାର୍ଯ୍ୟ ସମ୍ପର୍କରେ ସୂଚନା ଦେବେ। ଚଳିତ ମାସ ଶେଷ ସୁଦ୍ଧା ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ବ୍ଲକର ସରପଞ୍ଚମାନଙ୍କୁ ଏହି ତାଲିମ ଦିଆଯିବ ବୋଲି ଜିଲା ପରିଷଦ ଏପିଡି ଧର୍ମ ନାରାୟଣ ସାହୁ ପ୍ରକାଶ କରିଛନ୍ତି।

### ଅଟୋ ଓଲଟି ୮ ଆହତ

ପାପଡାହାଣ୍ଡି,୪।୭(ଡି.ଏନ୍.ଏ.)- ପାପଡାହାଣ୍ଡି ବ୍ଲକ ଦେଇ ନବରଙ୍ଗପୁର ଯାଇଥିବା ୨୬ନମ୍ବର ଜାତୀୟ ରାଜପଥର ଟିକିଲି ନିକଟ ପେଟ୍ରୋଲ ପମ୍ପ ପାଖରେ ସୋମବାର ଏକ ଅଟୋ ଓଲଟି ୮ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନେ ହେଲେ ସେବତୀ ମଙ୍ଗଲୀ, କ୍ଷୀର ମଙ୍ଗଲୀ, ସର୍ଯ୍ୟନ ହରିଜନ, ଜଗଦୁ ମଙ୍ଗଲୀ, ରତନ ମଙ୍ଗଲୀ, ମଞ୍ଜୁ ମଙ୍ଗଲୀ, ଫୁଲମତି ମଙ୍ଗଲୀ, ଜ୍ୟାଗ୍ୟା ମଙ୍ଗଲୀ। ସୂଚନା ମୁତାବକ ନନ୍ଦାହାଣ୍ଡି ବ୍ଲକ ବଣିଆ ଗ୍ରାମରୁ ୧୨ଜଣ ଏକ ଅଟୋ (ଓଡି-୧୦ଇ-୫୩୭୯) ଝରିଗାଁ ଟିର୍ଲିଗୁଡା ଯାଉଥିଲେ। ଏହି ସମୟରେ ପେଟ୍ରୋଲ ପମ୍ପ ନିକଟରେ ଅଟୋଟି ଓଲଟି ପଡିଥିଲା। ଏଥିରେ ୮ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେବତୀ ଓ ମଙ୍ଗଲୀ ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଏସ୍‌ଆଇ ଲାବନ୍ୟ ବେମାଲ ମେଡିକାଲ ପହଞ୍ଚି ଆହତଙ୍କୁ ଭେଟିଛନ୍ତି।

### ବିକଟାଳ ଶବ୍ଦ କରୁଥିବା ତୂରୀ ବିକ୍ରି ବନ୍ଦ ଦାବି

ନବରଙ୍ଗପୁର,୪।୭(ବି.ପ୍ର.)-ଗୁଣ୍ଡିଚା ଯାତ୍ରା ସମୟରେ ଫେରିବାଲା ପ୍ଲାଷ୍ଟିକ ଓ କାଗଜ ତିଆରି ତୂରୀ ବିକ୍ରି କରୁଛନ୍ତି । ଏଗୁଡିକ ଛୋଟ ପିଲାମାନଙ୍କ ମନୋରଞ୍ଜନ ପାଇଁ ମାତ୍ର ଯୁବଗୋଷ୍ଠୀ ଏଗୁଡ଼ିକର ଦୁରୁପଯୋଗ କରୁଥିବା ଦେଖାଯାଉଛି। ଅତି ଉଚ୍ଚ ଓ ବିକଟାଳ ଶବ୍ଦ କରି ରଥଯାତ୍ରା ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭଦ୍ର ମହିଳା ଓ ଯୁବତୀଙ୍କ ମୁହଁ ସାମନାରେ ଏହାକୁ ବଜାଇ ମହିଳାଙ୍କ ମାନସମ୍ମାନକୁ ଆଘାତ କରିବାସହ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଛନ୍ତି। ରଥଯାତ୍ରା ଦିନ ସକାଳରୁ ଆରମ୍ଭ କରି ଅର୍ଦ୍ଧରାତ୍ରୀ ପର୍ଯ୍ୟନ୍ତ ଯୁବକମାନେ ଏହି ତୂରୀ ବଜାଇ ଅଶାଳୀନ ବ୍ୟବହାର କରୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ସେଥିପାଇଁ ଏହି ତୂରୀ ବିକ୍ରି ବନ୍ଦ କରିବା ସହ ଏହାର ଅସଦ୍‌ବ୍ୟବହାରରେ କଟକଣା ଲଗାଇବା ପାଇଁ ଜିଲା ପୋଲିସ ଓ ପ୍ରଶାସନକୁ ଅନୁରୋଧ କରାଯାଇଛି।

# ଅଧିକାରୀଙ୍କ ପାଖରେ ନାହିଁ ମାତୃ, ଶିଶୁ ମୃତ୍ୟୁ ତଥ୍ୟ

**ନବରଙ୍ଗପୁର,୪।୭(ବି.ପ୍ର.)**

- ଅଙ୍ଗନୱାଡ଼ି କେନ୍ଦ୍ରରେ ପଢୁଥିବା ଶିଶୁ, ଗର୍ଭବତୀ, ପ୍ରସୂତିଙ୍କ ତଥ୍ୟ ଦେବାକୁ ନାରାଜ
- ପୁଷ୍ଟିକର ଖାଦ୍ୟ ଯୋଜନା ପରିଚାଳନା ଉପରେ ଉଠୁଛି ପ୍ରଶ୍ନ

ଗର୍ଭବତୀ, ଶିଶୁ ଓ ପ୍ରସୂତିଙ୍କୁ ଛତୁଆ, ଅଣ୍ଡା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ତେବେ ଜିଲାରେ ମାତୃ ଓ ଶିଶୁ ମୃତ୍ୟୁକୁ ଆଧାର କଲେ ପୁଷ୍ଟିକର ଖାଦ୍ୟ ଯୋଜନା ସଠିକ ଭାବେ ପରିଚାଳନା ହେଉ ନ ଥିବା ଜଣାଯାଏ। ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ଯୋଜନା ତଥା କାର୍ଯ୍ୟକ୍ରମର ତଥ୍ୟ ସାଧାରଣ ଲୋକ ଜାଣିବା ଆବଶ୍ୟକ ରହିଛି। ଜିଲାର ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପରିଚାଳିତ କାର୍ଯ୍ୟକ୍ରମର ତଥ୍ୟ ମଗାଗଲେ ଅଧିକାରୀମାନେ ତାହା ପ୍ରଦାନ କରୁ ନାହାନ୍ତି। ତଥ୍ୟ ପ୍ରଦାନ କଲେ ସତେ ଯେମିତି ଦେଶର ସାର୍ବଭୌମତ୍ୱ ପ୍ରତି ବାଧା ସୃଷ୍ଟି କରିବ ସେହିଭଳି ଅଧିକାରୀଙ୍କ ମତ ମିଳୁଛି। ଏହା ଏକ ବିଡମ୍ବନା ନୁହେଁ ତ ଆଉ କଣ ହୋଇପାରେ ବୋଲି ପ୍ରଶ୍ନ ଉଠୁଛି।

ନବରଙ୍ଗପୁର ଜିଲାରେ ଜନ୍ମରୁ ୫ବର୍ଷ ମଧ୍ୟରେ ପିଲାଙ୍କୁ ନେଲେ ଗ୍ରୀନ୍ ଜୋନରେ (ସୁସ୍ଥ) ୧ ଲକ୍ଷ ୧୨ହଜାର ୩୭୮ଜଣ ରହିବେ। ୟେଲୋ ଜୋନରେ(ମଧ୍ୟମ) ୨୨ ହଜାର ୮୩୧, ଅରେଞ୍ଜ ଜୋନରେ(ଓଜନ କମ୍) ୧ହଜାର ୩୬୯ଜଣ ପିଲା ଅଛନ୍ତି। ପାପଡାହାଣ୍ଡି ବ୍ଲକରେ ସର୍ବାଧିକ ୨୯୯ ପିଲା ଅରେଞ୍ଜ ଜୋନ୍‌ରେ ଅଛନ୍ତି। ସେହିଭଳି ଝରିଗାଁରେ ୨୬୪ , ନବରଙ୍ଗପୁରରେ ୧୭୩, ଚାନ୍ଦାହାଣ୍ଡିରେ ୧୯, ଡ଼ାବୁଗାଁରେ ୫୯, କୋଷାଗୁମୁଡ଼ାରେ ୧୦୯ , ନନ୍ଦାହାଣ୍ଡି ୮୪, ରାଇଘରରେ ୧୧୯, ତେନ୍ତୁଳିଖୁଣ୍ଟିରେ ୪୭ ଓ ଉମରକୋଟ ବ୍ଲକରେ ୧୯୬ ଜଣ ଶିଶୁ ରହିଥିବା ଜଣାପଡିଛି। ଜିଲାରେ ୨୩୨୧ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୯୦୬ ନିଜସ୍ୱ କୋଠା ରହିଥିବା ବେଳେ ୧୬୨ଟି କେନ୍ଦ୍ର କେଉଁ ଘର ବାରଣ୍ଡା ଓ ଗୋଶାଳାରେ ଏକ ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶରେ ପରିଚାଳିତ ହେଉଛି। ୧୦୦ଟି କେନ୍ଦ୍ର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ ହୋଇଥିଲେ ମଧ କାର୍ଯ୍ୟ ଆଗେଇ ପାରୁନାହିଁ। ୧୯୦୬ ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ୧୫୩ଟି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲାଣି। ଜିଲାରେ ମାତୃ ଓ ଶିଶୁ ମୃତ୍ୟୁକୁ ନେଇ ଅଙ୍ଗନୱାଡି କର୍ମୀମାନେ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି। ତେବେ ଜିଲାରେ ସମାଜ କଲ୍ୟାଣ ଅଧିକାରୀଙ୍କ ନିକଟରେ ମାତୃ ଓ ଶିଶୁ ମୃତ୍ୟୁର କୌଣସି ତଥ୍ୟ ନ ଥିବା ଏକ ବିଡ଼ମ୍ବନାର ବିଷୟ। ଜିଲାରେ ୨୦୨୧–୨୨ବର୍ଷରେ ୩୯ଜଣ ପ୍ରସୂତି ଓ ୧୨୮୨ଜଣ ଶିଶୁ ମୃତ୍ୟୁ ସାରା ରାଜ୍ୟରେ ଚହଳ ସୃଷ୍ଟି କରୁଥିବାବେଳେ ଏହାର ନିୟନ୍ତ୍ରଣ କରିବା ପାଇଁ କଣ ପଦକ୍ଷେପ ନିଆଯାଇଛି ତାହାର ତଥ୍ୟ ପ୍ରଦାନ କରାଯାଉନାହିଁ। ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସଙ୍କୁ ୭ମାସରୁ ୩ବର୍ଷ ପର୍ଯ୍ୟନ୍ତ କେତେଶିଶୁ, ଜିଲାରେ ପ୍ରସୂତି ଓ ଗର୍ଭବତୀ କେତେଜଣ ଅଛନ୍ତି, ଅଙ୍ଗନୱାଡି କେନ୍ଦ୍ରରେ କେତେଜଣ ଶିଶୁ ୩ରୁ୬ବର୍ଷ ମଧ୍ୟରେ ନାମ ଲେଖିଛନ୍ତି ତାହାର ତଥ୍ୟ ସହ ୨୦୨୧–୨୨ବର୍ଷରେ କେତେ ଜଣ ଶିଶୁ ଓ ମାଆଙ୍କ ମୃତ୍ୟୁ ହୋଇଛି ଏନେଇ ଜୁନ ୨୦ତାରିଖରୁ ତଥ୍ୟ ମଗାଯାଇଥିଲା। ମାତୃ ଓ ଶିଶୁ ମୃତ୍ୟୁ ନେଇ ଆମ ପାଖରେ ତଥ୍ୟ ନାହିଁ। ସ୍ୱାସ୍ଥ୍ୟ ବିଭାଗ ଯାହା ଦେଉଛି ସେଇଟା ହିଁ ବୃତାନ୍ତ ତଥ୍ୟ ବୋଲି ସେ କହିଥିଲେ। ସେହିଭଳି ଅଙ୍ଗନୱାଡି କେନ୍ଦ୍ରରେ କେତେ ଜଣ ଶିଶୁ ପ୍ରାକ ବିଦ୍ୟାଳୟରେ ପଢୁଛନ୍ତି, ୭ ମାସରୁ ୩ବର୍ଷର ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ତଥ୍ୟ ମାଗିବା ପରେ କାର୍ଯ୍ୟାଳୟର ଜିଲା ପ୍ରୋଗ୍ରାମ ମ୍ୟାନେଜର (ପୁଷ୍ଟିକର) ସୁକାନ୍ତ ପାତ୍ରଙ୍କୁ ତଥ୍ୟ ଦେବାକୁ ଜିଲା ସମାଜ କଲ୍ୟାଣ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରୋଗାମ ମ୍ୟାନେଜର ଓ ସମାଜ କଲ୍ୟାଣ ଅଧିକାରୀ ଆପୋଷ ଆଲୋଚନା କରିବା ପରେ ତଥ୍ୟ ଦେବାକୁମନାକରିଦେଲେ। ସମାଜ କଲ୍ୟାଣ ଓ ସ୍ୱାସ୍ଥ୍ୟ ବିଭାଗର ମାତୃ ଓ ଶିଶୁ ମୃତ୍ୟୁକୁ ଆଧାର କଲେ ଉପରୋକ୍ତ ତଥ୍ୟରୁ ମୃତ୍ୟୁହାର ଅଧିକ ହେବ ଓ ତାଳ ମେଳ ରହିବ ନାହିଁ । ତେବେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଦେଉଥିବାବେଳେ ସମାଜ କଲ୍ୟାଣ ବିଭାଗ ତଥ୍ୟକୁ ଗୁମର କରି ରଖିବା ଉପରେ ରହସ୍ୟ କଣ ରହିଛି। ଏହାର ସଠିକ ସମୀକ୍ଷା କରାଗଲେ ସମାଜ କଲ୍ୟାଣ ବିଭାଗର ପ୍ରକୃତ ରହସ୍ୟ ଜଣାପଡିବ।

## ଚାରା ଲଗାଇ ତାହାକୁ ନିଜ ଛୁଆ ଭଳି ପାଳିବାକୁ ପରାମର୍ଶ

**ଡାବୁଗାଁ, ୪।୭(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ବ୍ଲକ ସଦରମହକୁମାରେ ଡାବୁଗାଁ ବନ ବିଭାଗ ପକ୍ଷରୁ ୭୩ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଜିଲା ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଅପରାହ୍ନରେ ଚାରାରୋପଣ କରାଯାଇଛି। ଏହା ପୂର୍ବରୁ ବିଦ୍ୟାଳୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗୋ ଯୋଗଦେଇ ଛାତ୍ରୀମାନଙ୍କୁ ଚାରାରୋପଣ, ଗଛ ଲଖାଇବାର ଉପକାରିତା ସମ୍ପର୍କରେ କହିଥିଲେ। ଚାରା ଲଗାଇ ଏହାକୁ ନିଜ ଛୁଆ ଭଳି ଯତ୍ନ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଆମ୍ବ, ପିଜୁଳି, ପଣସ, ବରକୋଳି, ବେଲ, ଚମ୍ପା, ଅମୃତଭଣ୍ଡା, ସଜନା, ତୁତ କୋଳି, ଲିମ୍ବ, ଆତ, ଡାଳିମ୍ବ ଚାରା ଲଗାଯାଇଛି। ଏଥିରେ ପ୍ରାୟ ୧୦୦ଟି ଚାରା ରୋପଣ କରାଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ, ଡାବୁଗାଁ ଭାରପ୍ରାପ୍ତ ବନପାଳ ପ୍ରକାଶ ସରକାର, ବନରକ୍ଷୀ ମନୋରଞ୍ଜନ ନାୟକ, ଗିତାରାଣୀ ବିଶ୍ୱାସରାୟ, ନମିତା ମହାନ୍ତି ଓ ସରସ୍ୱତୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଚାରାରୋପଣ କରୁଛନ୍ତି ।

## ଭାରତମାଳା ପ୍ରକଳ୍ପ ଜମିହରାଙ୍କୁ ଶୀଘ୍ର ପ୍ରାପ୍ୟ ଦେବାକୁ ନିର୍ଦ୍ଦେଶ

**ନବରଙ୍ଗପୁର,୪।୭(ବି.ପ୍ର.)**

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୦ ଜଣଙ୍କର ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୭ ଗୋଷ୍ଠୀଗତ ଓ ବଳକା ୪୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଜମିଜମା, ବାର୍ଦ୍ଧକ୍ୟ ଭତ୍ତା, ପଡି କାର୍ଡ, ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଓ ହଷ୍ଟେଲରେ ନାମ ଲେଖା, ନିଯୁକ୍ତି, ଉଚ୍ଚ ଚିକିତ୍ସା ଏବଂ ଉଚ୍ଚ ଶିକ୍ଷା ପାଇଁ ସରକାରୀ ଆର୍ଥିକ ସହାୟତା ପ୍ରଦାନ ସଂକ୍ରାନ୍ତୀୟ ଅଭିଯୋଗର ଶୁଣାଣି ହୋଇଛି। ଭାରତମାଳା ପ୍ରକଳ୍ପର ଜମିହରାଙ୍କୁ ପ୍ରାପ୍ୟ ପ୍ରଦାନ ଏବଂ ବିଚ୍ଛିନ୍ନାଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ ଅଭିଯୋଗ



ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**୫୦ ଅଭିଯୋଗ ଶୁଣିଲେ ଜିଲାପାଳ**

ଶୁଣାଣିରେ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ଏହାର ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ବ୍ୟତିତ ଏସ୍‌ପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ସିଡିଏମ୍‌ଓ ଡ଼ କାଳିପ୍ରସାଦ ବେହେରା, ଆଇଟିଡିଏ ପିଏ ଅଭିମନ୍ୟୁ ମାଝି, ଡିଆଇପିଆର୍‌ଓ ହଳଧର ନିହାଲଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଏସ୍‌ଡିଜେଏମ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା

ଗୁଣପୁର,୪।୭(ଡି.ଏନ.ଏ.)– ରାୟଗଡ଼ା ଜିଲା ଗୁଣପୁର ଏସ୍‌ଡିଜେଏମ୍ ବିଭୁତି ଭୂଷଣ ନାୟକଙ୍କୁ ସୋମବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ସମ୍ମିଳନୀ କକ୍ଷରେ ହୋଇଥିବା କାର୍ଯ୍ୟକ୍ରମରେ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବିଦାୟୀ ଏସ୍‌ଡିଜେଏମ୍ ବିଭୂତି ଭୂଷଣ ନାୟକଙ୍କୁ ପଦୋନ୍ନତି ମିଳିଥିବାବେଳେ ନୟାଗଡ଼ ଜିଲା ଖଣ୍ଡପଡ଼ା କୋର୍ଟକୁ ସବ୍‌ଜଜ୍ ଭାବେ ସେ ଯୋଗଦେବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ସଙ୍ଗୀତା ମଲିକ, ଜେଏମ୍‌ଏଫ୍‌ସି ବର୍ଷା ମହାନ୍ତି, ସମ୍ପାଦକ



ଜଗଦୀଶ ଗମାଙ୍ଗ, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଏସ୍.ଗଣପତି ରାଓ, ଦୁର୍ଗା ପ୍ରସାଦ ମଣିପାତ୍ର, ଫଣି ଭୂଷଣ ପଟ୍ଟନାୟକ,ରାଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ସମେତ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ପ୍ରଦର୍ଶନୀ ଦ୍ୱାରା ସୃଜନାତ୍ମକ ଶକ୍ତିର ବିକାଶ ଘଟିବ

**ଟିକିରି,୪।୭(ଡି.ଏନ୍.ଏ.)**

**ଏବିପିଏସ୍‌ରେ ବିଜ୍ଞାନ, ଗଣିତ ପ୍ରଦର୍ଶନୀ**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଉଷାପଡ଼ାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ(ଏବିପିଏସ୍) ପରିସରରେ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଆଲୁମିନା ୟୁନିଟ ମୁଖ୍ୟ ମଜହର ବେଗ୍ ଏହାର ଉଦ୍‌ଘାଟନ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରଦର୍ଶନୀରେ ସମ୍ମାନିତ ଅତିଥି ରୂପେ ଉଜ୍ଜ୍ୱଳ ଉତ୍କଳର ସଭାନେତ୍ରୀ ହୀନା ବେଗ୍, ଉତ୍କଳ ଆଲୁମିନାର ଏନ୍‌ଆର୍‌ଡି ମୁଖ୍ୟ ରାକେଶ ପ୍ରତାପ ସିଂ, ସିଏସ୍‌ଆର୍ ମୁଖ୍ୟ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଅର୍ଥ ବିଭାଗ ମୁଖ୍ୟ ସୁଧାକର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ସାହିତ କରିଥିଲେ।

ପ୍ରଦର୍ଶନୀରେ ବିଜ୍ଞାନ ବିଭାଗର ୩୯ ପ୍ରକଳ୍ପ, ସାମାଜିକ ବିଜ୍ଞାନ ବିଭାଗର ୩୩ ଏବଂ ଗଣିତ ବିଭାଗର ୨୬ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ରୂପେ ପ୍ରଭୁପ୍ରସାଦ ବଳ(ଏଜିଏମ୍, ମେକାନିକାଲ), ଆସିଷ୍ଟାଣ୍ଟ ମ୍ୟାନେଜର(ମେକାନିକାଲ) ପ୍ରଶାନ୍ତ କୁମାର, ବରିଷ୍ଠ ଶିକ୍ଷକ ସର୍ବେଶ୍ୱର ପ୍ରଧାନ, ସମୀର ରଞ୍ଜନ ଭୋଳ, ଅମର ତିଲକ ଦାସ ଯୋଗଦେଇ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଜ୍ଞାନ ବିଭାଗରେ ଜୁନିୟର ଗ୍ରୁପ୍‌ରୁ ଜି. ଶ୍ରୀନିଧି ଓ ରିହାସ ଚୌଧୁରୀ ପ୍ରଥମ ସ୍ଥାନରେ ରହିଛନ୍ତି। ସିନିୟର ଗ୍ରୁପ୍‌ରେ ଅର୍ଚ୍ଚିସମାନ ରଥ ଏବଂ ଅମ୍ଳାନ ଅଭିନବ ଜେନା ପ୍ରଥମ, ସାମାଜିକ ବିଜ୍ଞାନ ବିଭାଗରେ ଜୁନିୟର ଗ୍ରୁପ୍‌ରେ ଶ୍ରେୟାଂଶ ପୃଷ୍ଟି ଓ ସାଇ ଅନିମେଶ ଜେନା ପ୍ରଥମ, ସିନିୟର ଗ୍ରୁପ୍‌ରୁ ଡି.ଏସ୍. ରୁଚିପୂର୍ଣ୍ଣା ନାୟକ ଓ ବୁଦ୍ଧଦେବ ସାହୁ ପ୍ରଥମ, ଗଣିତ ବିଭାଗରେ ଜୁନିୟର ଗ୍ରୁପ୍‌ରୁ ଦିବ୍ୟାଂଶ ପାଣିଗ୍ରହୀ ଓ ଏ. ତନିସ୍କା ପ୍ରଥମ, ସିନିୟର ଗ୍ରୁପ୍‌ରେ ସ୍ମୃତିରେଖା ଷଡ଼ଙ୍ଗୀ ଏବଂ ସଂସ୍କୃତି ପରିଡ଼ା ପ୍ରଥମ ସ୍ଥାନରେ ରହିଛନ୍ତି।



ଅତିଥିମାନେ ଜଣେ ଛାତ୍ରୀଙ୍କଠାରୁ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝୁଛନ୍ତି ।

## ପଞ୍ଚାୟତ ଗୋଦାମରୁ ୮୮୬ କୁଇଣ୍ଟାଲ ପିଡିଏସ୍ ଚାଉଳ ଗାଏବ

**ତେନ୍ତୁଳିଖୁଣ୍ଟି, ୪।୭(ଡି.ଏନ୍.ଏ.)**

- ଥାନାରେ ଯୋଗାଣ ସହାୟକଙ୍କ ନାମରେ ଅଭିଯୋଗ କଲେ ପିଇଓ
- ଜାଲ୍ ଦସ୍ତଖତ କରି ଚାଉଳ ଉଠାଇଥିବା ଏତଲାରେ ଉଲ୍ଲେଖ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଁଳାଭଟ୍ଟା ପଞ୍ଚାୟତ ଗୋଦାମରୁ ୮୮୬.୧୦ କୁଇଣ୍ଟାଲ ପିଡିଏସ୍ ଚାଉଳ ଗାଏବ ହୋଇଯାଇଯାଇଛି। ଏ ନେଇ ପିଇଓ ହରେକୃଷ୍ଣ ବିଶୋୟୀ କାମ୍ତା ଫାଣ୍ଡିରେ ସୋମବାର ଯୋଗାଣ ସହାୟକ ବସନ୍ତ ସଗରିଆଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ମୋ ଦସ୍ତଖତ କରି ଯୋଗାଣ ସହାୟକ ୧୨ ୧୩ ଓ ୧୪ ମେରେ ଚାଉଳ ଉଠାଇଛନ୍ତି ବୋଲି ପିଇଓ କାମ୍ତା ଫାଣ୍ଡିରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

ପଞ୍ଚାୟତରେ ୧୫୦୧ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ପାଉଛନ୍ତି। ଗତ ଜୁନ ମାସରେ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଚାଉଳ ମିଳିବା କଥା। କିନ୍ତୁ ଅଁଳାଭଟ୍ଟାରେ ହିତାଧିକାରୀଙ୍କୁ ଚାଉଳ ମିଳି ନ ଥିବା ନେଇ ଅଭିଯୋଗ ପରେ ପିଇଓ ବିଡ଼ିଓ ଦୁର୍ଯୋଧନ ଭୋଇଙ୍କୁ ଅବଗତ କରାଇଥିଲେ। ବଡିଓ ସୋମବାର ପଞ୍ଚାୟତ ଗୋଦାମରେ ଯାଞ୍ଚ କରିଥିଲେ। ସେଠାରେ ମାତ୍ର ୧୯୬ କୁଇଣ୍ଟାଲ ଚାଉଳ ଥିବା ବେଳେ ୮୮୬.୧୦କ୍ୱିଣ୍ଟାଲ ଚାଉଳ ଗାଏବ ହୋଇଯାଇଥିବା ଜଣା ପଡିଥିଲା। ରବିବାର ଯୋଗାଣ ସହାୟକ ମାପ ଯନ୍ତ୍ର ଆଦି ସମଗ୍ରୀ ପିଇଓଙ୍କ ନବରଙ୍ଗପୁରସ୍ଥିତ ଘରକୁ ପଠାଇ ଦେଇଥିବା ପିଇଓ କହିଛନ୍ତି। ଏ ନେଇ ଯୋଗାଣ ସହାୟକଙ୍କୁ ପଚାରିବାରୁ ମୁଁ ୧୫ ଦିନ ହେବ ଛୁଟିରେ ଅଛି, ଘଟଣା ସମ୍ପର୍କରେ ଅବଗତ ନାହିଁ ବୋଲି ସେ କହିଛନ୍ତି ।

### ଅର୍ଦ୍ଧେନ୍ଦୁ ଦାସଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ

**ଗୁଣପୁର,୪।୭(ଡି.ଏନ୍.ଏ.)**

ଅର୍ଦ୍ଧେନ୍ଦୁଦାସଙ୍କୁଗିରଫ ପ୍ରତିବାଦରେ ରାୟଗଡ଼ା ଜିଲା ଗୁଣପୁରଠାରେ ସୋମବାର ପ୍ରେସ୍‌ୟୁନିୟନ ପକ୍ଷରୁ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଭାରପ୍ରାପ୍ତ ଉପଜିଲାପାଳ ତଥା ଆଇଟିଡିଏର ପିଏ ଲୋକନାଥ ଦଳବେହେରାଙ୍କୁ ପ୍ରଦାନ କରାଯାଇଥିଲା। ତୁରନ୍ତ ନିଃସର୍ତ୍ତରେ ଅର୍ଦ୍ଧେନ୍ଦୁଙ୍କୁ ଖଲାସ କରିବା ପାଇଁ ସଂଘର ସଭାପତି ପ୍ରମୋଦ ସାହୁ, ସମ୍ପାଦକ ରାଜେଶ କୁମାର ପଣ୍ଡାଙ୍କ ସମେତ ଅନ୍ୟ ଖବରଦାତା ମାନେ ଦାବି କରିଛନ୍ତି।

## ଆଗାମୀ ପିଢ଼ି ପାଇଁ ଗଛ ଲଗାଇବା ଜରୁରୀ

**ନବରଙ୍ଗପୁର,୪।୭(ବି.ପ୍ର.)**

୭୩ ତମ ଜାତୀୟ ବନ ମହୋତ୍ସବ ସପ୍ତାହ ଅବସରରେ ନବରଙ୍ଗପୁର ଜିଲା ସଦର ମହକୁମା ମହିଳା ମହାବିଦ୍ୟାଳୟ ନିକଟରେ ଥିବା ଛତ୍ରଭଟ ଶ୍ମଶାନରେ ଜିଲା ପ୍ରଶାସନ ଏବଂ ବନ ବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଁଳା, ଫାସି, ଆମ୍ବ, ପଣସ, ଜାମୁକୋଳି, ଦେଶୀ ନିମ୍ବ, ବଡ଼ ଚାକୁଣ୍ଡା, ବାହାଡ଼ା, ଅର୍ଜୁନ, କଷି, ଦେବଦାରୁ, କୃଷ୍ଣଚୂଡ଼ା, ରାଧାଚୂଡ଼ା ଆଦି ରୋପଣ କରାଯାଇଥିଲା। ସ୍ୱଚ୍ଛ ଅମ୍ଳଜାନ ନିମନ୍ତେ ଚାରା ରୋପଣ ଛଡ଼ା କୌଣସି ବିକଳ୍ପ ନାହିଁ ବୋଲି ଜିଲାପାଳ ଡ. କମଳ ଲୋଚନ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ। ତେଣୁ ନିଜର ଦୈନନ୍ଦିନ ଜୀବନ ଏବଂ ଆଗାମୀ ପିଢ଼ି ପାଇଁ ଗଛ ଲଗାନ୍ତୁ ବୋଲି ସେ କହିଛନ୍ତି। ଏହି ଅବସରରେ ଡାବୁଗାଁ ବନାଞ୍ଚଳ ଅଧୀନ କେନ୍ଦୁଗୁଡ଼ା ବନ ସଂରକ୍ଷଣ ସମିତିକୁ ବିଜୁ ପଟ୍ଟନାୟକ ପୁରସ୍କାର ସହିତ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହକାରୀ ବନ ସଂରକ୍ଷକ ଧନଞ୍ଜୟ ମହାପାତ୍ର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଖଣ୍ଡୀୟ ବନାଧିକାରୀ ପ୍ରସନ୍ନ ବେହେରା, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ ପ୍ରଶାନ୍ତ ରାଉତ, ତହସିଲଦାର ରବୀନ୍ଦ୍ର ରାଉତ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ଜିଲା ପ୍ରକଳ୍ପ ଅଧିକାରୀ (ଜରୁରିକାଳୀନ) ହିମାଂଶୁ ଶେଖର ପଟ୍ଟନାୟକ, କାଉନ୍‌ସିଲର ଅମିତ୍ ପ୍ରଧାନ, ଏ.ସତୀଶ, ନଗେନ୍ଦ୍ର ପଟ୍ଟନାୟକ, ସମେଶ ଖରା, ରଞ୍ଜିତା ପଣ୍ଡା, ସନ୍ତୋଷୀ ଜାନି, ଜଗଦୀଶ ବିଶୋୟୀ, କାହ୍ନୁ ଦାସ, ଓଡ଼ିଶା ରାଜସ୍ୱ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁ, ବନ ବିଭାଗ କର୍ମଚାରୀ ଏବଂ ଶ୍ମଶାନ କମିଟି ସଭାପତି, ସଭ୍ୟ ଓ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ୭ ବ୍ୟବସାୟିକ ଅନୁଷ୍ଠାନରେ ଜିଏସ୍‌ଟି ଚଢ଼ାଉ

**ଉମରକୋଟ, ୪।୭(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ସହରର ୭ଟି ବ୍ୟବସାୟିକ ଅନୁଷ୍ଠାନ ଉପରେ ବାଣିଜ୍ୟ କର ଓ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କେଉଁ ବ୍ୟବସାୟୀ କେତେ ପରିମାଣର ଜିଏସ୍‌ଟି ଠକେଇ କରିଛନ୍ତି ତାହାର ଆକଳନ କରାଯାଇ ନାହିଁ। ସମସ୍ତ ହିସାବ, କାଗଜପତ୍ର, ଦସ୍ତାବିଜ ସଂଗ୍ରହକରି ଜିଏସ୍‌ଟି କାର୍ଯ୍ୟାଳୟକୁ ନିଆଯିବ। ପରେ ସେମାନଙ୍କୁ ସମନ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ଡେପୁଟି କମିଶନର ସମୀର କୁମାର ମାଝି କହିଛନ୍ତି।

ସୋମବାର ଉମରକୋଟସ୍ଥିତ ଦେବୀଚାନ୍ଦ ବିର୍ବଲ୍ ପ୍ରସାଦ, ଜୟଦୁର୍ଗା ବୁକ୍ ମାର୍ଟ, ମା’ ଭବାନୀ ବୁକ୍ ଷ୍ଟୋର, ନିର୍ମଳା ଏଣ୍ଟରପ୍ରାଇଜେସ୍, ନ୍ୟୁ ନିର୍ମଳା ଫାନ୍ସିଷ୍ଟୋର, ନିର୍ମଳା ଗିଫ୍ଟ ହାଉସ, ନିର୍ମଳା ଟ୍ରେଡର୍ସ ଦୋକାନ ସହିତ ସେମାନଙ୍କ ବାସଭବନ ଓ ଗୋଦାମରେ ବାଣିଜ୍ୟ କର ବିଭାଗ ପକ୍ଷରୁ ଚଢ଼ାଉ ଚାଲିଛି। ଜିଏସ୍‌ଟି ଠକେଇ ଅଭିଯୋଗକୁ ଆଧାର କରି ଏହି ସମସ୍ତ ୭ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଏଥିରେ ଭବାନୀପାଟଣା ଓ ବଲାଙ୍ଗୀର ଜିଏସ୍‌ଟି ବିଭାଗ ଡେପୁଟି କମିଶନର (ବିକ୍ରିକର ଓ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ) ସମୀର କୁମାର ମାଝି ଓ କିଶୋର ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ୭ ଟି ଟିମ୍ ଚଢ଼ାଉ କରିଛି। ଏହି ଟିମ୍‌ରେ ୧୭ ଜଣ ଅଫିସରଙ୍କ ସହ ଅନ୍ୟ କର୍ମଚାରୀ ଏବଂ ନବରଙ୍ଗପୁର ପୋଲିସ ସାମିଲ ଅଛନ୍ତି। ଦେବୀଚାନ୍ଦ ବିର୍ବଲ୍ ପ୍ରସାଦଙ୍କ ଦୋକାନରେ ଭବାନୀପାଟଣା ଶାଖା ଡେପୁଟି କମିଶନର ସମୀର କୁମାର ମାଝି, ଜୟଦୁର୍ଗା ବୁକ୍ ମାର୍ଟରେ ଭବାନୀପାଟଣା ଷ୍ଟେଟ୍ ଟାକ୍ସ ଅଫିସର ଏନ୍‌ଫୋର୍ସମେଣ୍ଟ ୟୁନିଟ୍‌ର ପରେଶ୍ୱର ସାହୁ, ମା’ ଭବାନୀ ବୁକ୍ ଷ୍ଟୋରରେ ବଲାଙ୍ଗୀର ଶାଖା ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେର, ନିର୍ମଳା ଏଣ୍ଟରପ୍ରାଇଜେସ୍‌ରେ କଳାହାଣ୍ଡି ଶାଖା ଷ୍ଟେଟ ଟାକ୍ସ ଅଫିସର ନୀଳାଦ୍ରି ବିହାରୀ ଦଢ଼ିଆ,ନ୍ୟୁ ନିର୍ମଳା ଫାନ୍ସି ଷ୍ଟୋରରେ ଭବାନୀପାଟଣା ଶାଖା ଅତିରିକ୍ତ ଟାକ୍ସ ଅଫିସର ହରେକୃଷ୍ଣ ସାହୁ, ନିର୍ମଳା ଗିଫ୍ଟ ହାଉସରେ ନୂଆପଡ଼ାସ୍ଥିତ ଅତିରିକ୍ତ ଟାକ୍ସ ଅଫିସର ସୁଶୀଲ କୁମାର ଖାଲ୍‌କୋ, ନିର୍ମଳା ଟ୍ରେଡର୍ସରେ କଳାହାଣ୍ଡିସ୍ଥିତ ଅତିରିକ୍ତ ଟାକ୍ସ ଅଫିସର ଭବାନୀ ଶଙ୍କର ପଟେଲ ତଦନ୍ତ କରୁଥିବାବେଳେ ସମସ୍ତ ଅଧିକାରୀଙ୍କୁ ଦୁଇ, ତିନି ଜଣ ଲେଖାଏଁ ବାଣିଜ୍ୟ କର ଅଧିକାରୀ ସହାୟତା କରୁଛନ୍ତି।



ମା’ ଭବାନୀ ବୁକ୍ ଷ୍ଟୋରରେ ଯାଞ୍ଚ କରାଯାଉଛି।

## ସଂକ୍ଷେପରେ

### ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କର୍ମକର୍ତ୍ତା ନିର୍ବାଚନ



କୋରାପୁଟ,୪।୭(ସ୍ୱ.ପ୍ର.)- କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ସଭାଗୃହଠାରେ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସାଧାରଣ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚାକିରିରୁ ଅବସର ନେଇଥିବା ନିର୍ବାହୀ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମକର୍ତ୍ତା ନିର୍ବାଚନରେ କୃଷ୍ଣଚନ୍ଦ୍ର ପାତ୍ର ସଭାପତି ରୂପେ ନିର୍ବାଚିତ ହୋଇଥିବାବେଳେ ବିଜ୍ଞାନୀ ମିଶ୍ର ଉପସଭାପତି ,ପ୍ରଶାନ୍ତ ମିଶ୍ର ସମ୍ପାଦକ, ଜୟଶ୍ରୀ ନାୟକ ସହ ସମ୍ପାଦକ ଓ କିଶୋର ମିଶ୍ର କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ଜଣାପଡିଛି । ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀ ମାର୍କଣ୍ଡ ପାଢ଼ୀ ଓ ନରସିଂହ ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁରେଶ ହୋତା ଓ ଦକ୍ଷିଣ ଓଡିଶା କାର୍ଯ୍ୟକାରୀ ସମ୍ପାଦକ ଅର୍ଜୁନ ଟାକ୍ରି ଉପସ୍ଥିତ ଥିଲେ । ରଞ୍ଜିତ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଅମ୍ବିକା ପାଢ଼ୀ ଧନ୍ୟବାଦ ଦେଇଥିଲେ ।

### କୋଇଲା ବୋଝେଇ ଟ୍ରକକୁ ଧକ୍କା ଦେଲା ବାଇକ୍, ଜଣେ ମୃତ

ଜୟପୁର, ୪।୭ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ବାଙ୍କବିଜା କେନାଲ ନିକଟରେ କୋଇଲା ବୋଝେଇ ଟ୍ରକରେ ଏକ ବାଇକ୍ ଧକ୍କା ହୋଇଛି। ଫଳରେ ଜଣେ ପେପର ମିଲ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ଇରିଗେଶନ କଲୋନୀର ଲକ୍ଷ୍ମଣ ହନ୍ତାଳ । ପେପର ମିଲକୁ କୋଇଲା ବୋଝେଇ ହୋଇ ଆସି ଟ୍ରକ ସବୁ ଲମ୍ବା ଲାଇନରେ ଛିଡା ହୋଇଥିଲା । ଲକ୍ଷ୍ମଣ ବାଇକ୍ ଯୋଗେ ପେପର ମିଲକୁ ଡ୍ୟୁଟି ପାଇଁ ଯାଉଥିବା ବେଳେ ଠିଆ ହୋଇଥିବା ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଖବରପାଇ ଜୟପୁର ସଦର ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ସାହି ପରିଦର୍ଶନ କରି ସମସ୍ୟା ବୁଝିଲେ ପୌରାଧ୍ୟକ୍ଷ



ଜୟପୁର, ୪।୭(ନି.ପ୍ର.)- ଜୟପୁର ପୌରାଞ୍ଚଳର କେତେକ ସାହି ସୋମବାର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ପରିଦର୍ଶନ କରିଛନ୍ତି। ଓାର୍ଡ ନମ୍ବର ୨୧ ଓ ୨୨ର ବିକାଶ ନଗର, ପାୱାର ହାଉସ, ହାଇଦ୍ରାବାଦ ଲାଇନ ପରିଦର୍ଶନ କରି ସେ ଲୋକଙ୍କୁ ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ରହିଥିବା ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚାନନ ମନ୍ଦିର ପଛପଟେ ଥିବା ଏମସିସି ମଧ ସେ ପରିଦର୍ଶନ କରିଥିଲେ। ଏହି ସମୟରେ ତାଙ୍କ ସହ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବ୍ଲକ କାର୍ଯ୍ୟାଳୟରେ ୩୨ ଅଭିଯୋଗର ହେଲା ଶୁଣାଣି



କୋରାପୁଟ,୪।୭(ସ୍ୱ.ପ୍ର.)- କୋରାପୁଟ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ହୋଇଯାଇଛି। ଜିଲାପାଳ ଅବଦାଲ ଏମ. ଅଖତାର ଓ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗଣ୍ଟୁପାଲିଙ୍କ ଉପସ୍ଥିତିରେ ୩୨ଟି ଅଭିଯୋଗର ଶୁଣାଣି କରାଯାଇଥିବା ଜଣାଯାଇଛି । ଏଥିରେ ବ୍ଲକ ଅଧକ୍ଷା ନମିତା ମାଝି, ଜିଲା ପରଷଦ ସଭ୍ୟ ରଘୁ ଜାନୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ କୁମାର ପାଢ଼ୀ, ଉପଜିଲାପାଳ ଲଳିତ କହଁର, ନ୍ୟାୟିକ ଉପ ବିଭାଗର ଅଧିକାରୀ ସୁଜିତ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ବିଡିଓ ନରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସାମାନ୍ୟ ବର୍ଷାରେ ସହର ମୁଖ୍ୟ ରାସ୍ତାରେ ଜମୁଛି ଜଳ

**■ ଗୋଇ ପର୍ବତର ବର୍ଷା ଜଳ ଘଟାଉଛି କ୍ଷୟକ୍ଷତି**

**■ ପ୍ରତିକାର ନ ହେଲେ ଆଗାମୀ ଦିନରେ ହେବ ଅନେକ ସ୍ଥାନ ଜଳମଗ୍ନ**

**■ ଜାତୀୟ ବିଭାଗକୁ ଦୋଷ ଲଦିଲେ ପୌରାଧ୍ୟକ୍ଷ**

ମାଲକାନଗିରି,୪।୭ (ଡି.ଏନ୍.ଏ.)



ରାସ୍ତାରେ ଜମିଥିବା ବର୍ଷା ଜଳ।

ମାଲକାନଗିରି ଜିଲା ସଦର ମହକୁମା ୩୨୬ ନଂ. ଜାତୀୟ ରାଜପଥରେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ବର୍ଷା ଜଳ ଜମି ରହୁଥିବା ଦେଖିବାକୁ ମିଳଛି। ଚଳିତ ବର୍ଷ ମୌସୁମୀ ବର୍ଷା ଏଯାଏ ଭଲ ରୂପେ ହୋଇ ନାହିଁ। ତେବେ ଗତ ରାତିରୁ ଝିପି ଝିପି ବର୍ଷା ଲାଗି ରହି ବର୍ଷା ଜଳ ରାସ୍ତା ଉପରେ ଜମି ରହୁଛି। ଆଗାମୀ ଦିନରେ ମୌସୁମୀ ବର୍ଷା ସହ ଲଘୁଚାପ ବର୍ଷା ହେଲେ ସହରକୁ ଲାଗିଥିବା ଗୋଇ ପର୍ବତର ବର୍ଷା ଜଳ ନିଷ୍କାସନ ନେଇ କୌଣସି ବ୍ୟବସ୍ଥା ନ ଥିବାରୁ ଏହା ରାସ୍ତା ଉପର ଦେଇ ସହର ମଧ୍ୟକୁ ପ୍ରବେଶ କରିବ। ପ୍ରତିବର୍ଷ ଏପରି ସମସ୍ୟା ବୁଟିଗୁଡା, ପାତ୍ରଗୁଡା, ସାମ୍ୱାୟାଗୁଡା ଆଦି ସ୍ଥାନରେ ଦେଖିବାକୁ ମିଳେ। ଅନେକ ଘରେ ଗୋଇ ପର୍ବତର ବର୍ଷା ଜଳ ପ୍ରବେଶ କରି କ୍ଷୟକ୍ଷତି ଘଟାଇଥାଏ। ପୁରୁଣା ଆର୍‌ଟିଓ କାର୍ଯ୍ୟାଳୟ, ସିନେମା ହଲ୍, ଦୀପ୍ତି କନଭେଣ୍ଟ ବିଦ୍ୟାଳୟ ଛକ, ସତସଙ୍ଗ ବିହାର ଛକ ଓ ପାତ୍ରଗୁଡା ଛକରେ ବର୍ଷା ଜଳ ଜାତୀୟ ରାଜପଥ ଉପରେ ପ୍ରବାହିତ ହୋଇ କ୍ଷୟ କ୍ଷତି ହୋଇଥାଏ। ମାତ୍ର ଏହାର ସ୍ଥାୟୀ ପ୍ରତିକାର ନେଇ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଭୈରବ ମନ୍ଦିରଠାରୁ ଗୋଇ ପର୍ବତ ତଳେ ଥିବା ପ୍ରଧାନୀଗୁଡା ପର୍ଯ୍ୟନ୍ତ ଏକ ବୃହତ ନାଳ ଖୋଳା ଯାଇ ଏହି ବର୍ଷା ଜଳକୁ ଚାଷ ଜମିକୁ ଛଡାଗଲେ ସମସ୍ୟା ସମାଧାନ ହୋଇପାରିବ। ଉଭୟେ ଚାଷୀ ଓ ଜନସାଧାରଣ ଉପକୃତ ହେବେ। ବର୍ଷାଦିନେ ଆଉ ସହର ମଧରେ କୃତ୍ରିମ ବନ୍ୟା ହେବନାହିଁ କି ମୁଖ୍ୟରାସ୍ତା ଅନେକ ବସ୍ତିରେ ବର୍ଷା ଜଳ ପ୍ରବେଶ କରି କରୁଥିବା କ୍ଷତି ଆଉ ହେବନାହିଁ। ଅନ୍ୟପକ୍ଷରେ ଏ ଦିଗରେ କୌଣସି ସ୍ଥାୟୀ ପ୍ରତିକାର ହେଉ ନ ଥିବା ଯୋଗୁ ସହରବାସୀ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକଙ୍କୁ ପଚାରିବାରୁ ସେ କହିଲେ ଯେ, ସହର ମଧରେ ଯାଇଥିବା ମୁଖ୍ୟରାସ୍ତା ଜାତୀୟ ରାଜପଥ ଅଧୀନରେ ରହିଛି। ସହରର ସମସ୍ତ ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ଏହି ବିଭାଗ କରିବା କଥା। ବୃହତ ନାଳ ରାଜପଥ କଡରେ ନିର୍ମାଣ କରିବା ଦାୟିତ୍ୱ ମଧ ଜାତୀୟ ରାଜପଥ ବିଭାଗର। ତେବେ ଗୋଇ ପର୍ବତ ବର୍ଷା ଜଳକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ସେ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ।



କୋରାପୁଟ ଶାବର ଶ୍ରୀକ୍ଷେତ୍ର ଓ ଜୟପୁରରେ ସୋମବାର ଶ୍ରୀଜୀଉ ହୋଇଥିବା ବରାହ ଅବତାର ।

# ସ୍ୱାଭିମାନ ଅଞ୍ଚଳରେ ବନମହୋତ୍ସବ



ପ୍ରବନ୍ଧ ପ୍ରତିଯୋଗିତାର ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଚିତ୍ରକୋଣ୍ଡା,୪।୭(ଡି.ଏନ.ଏ.)

ମାନବ ସମାଜ ତିଷ୍ଠି ରହିବା ପାଇଁ ବନ ଜଙ୍ଗଲ ସୁରକ୍ଷିତ ରହିବା ଏକାନ୍ତ ଆବଶ୍ୟକ। ତେଣୁ ପ୍ରତିଟି ବ୍ୟକ୍ତିକୁ ନିଜେ ନିରୋଗରେ ରହିବା ସହିତ ଅନାବଶ୍ୟକ ବୃକ୍ଷଚ୍ଛେଦନରେ ରୋକ ଲଗାଇ ବଣ ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ହିଁ ବନ ମହୋତ୍ସବର ଏକ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମାଲକାନଗିରି ଜିଲା ଅନ୍ତର୍ଗତ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବଡପଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲି ମୁଖ୍ୟଅତିଥି, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ବନାଞ୍ଚଳ ଅଧକାରୀ ବଳରାମ ନାୟକ, ସମିତିସଭ୍ୟ ଚକ୍ରଧର ଖିଲ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘନ ସ୍ୱାଇଁ, ସାରିଆପାଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ଯତୀଶ ରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଆଖପାଖ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । କୃତୀ ୯ ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ବହୁ ପରିମାଣରେ ଚାରାରୋପଣ କରାଯିବ। ଯେପରି ସବୁ ଗଛ ବଞ୍ଚା ଯାଇପାରିବ ସେ ନେଇ ସମସ୍ତ ସହାୟତା ଯୋଗାଇ ଦେବାକୁ ବନଖଣ୍ଡ ଅଧିକାରୀ କତାପାଲି ପ୍ରକାଶ କରିଥିଲେ । ବନପାଳ ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରିଥିଲେ ।

## କାର୍ଯ୍ୟ, ଦାୟିତ୍ୱବୋଧ ନେଇ ପ୍ରଶିକ୍ଷଣ ନେଲେ ସରପଞ୍ଚ

ମାଲକାନଗିରି, ୪।୭(ଡି.ଏନ.ଏ.)

ମାଲକାନଗିରି ଜିଲାରେ ନବ ନିର୍ବାଚିତ ସରପଞ୍ଚମାନଙ୍କୁ ନେଇ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମାସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟର ଡିପିଆରସି ବୈଠକ ଗୃହରେ ହୋଇଥିବା ଏହି ପ୍ରଶିକ୍ଷଣରେ ଜିଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମାଲକାନଗିରି ପିଡି ଡିଆରଡିଏ ବାଳମୁକୁନ୍ଦ ଭୂୟାଁ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଅଶୋକ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲାର ସମସ୍ତ ନବାଗତ ସରପଞ୍ଚମାନେ ଉପସ୍ଥିତ ରହିଥିବା ବେଳେ ସେମାନଙ୍କ କାର୍ଯ୍ୟ ଓ ଦାୟିତ୍ୱ ବୋଧ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇ ସରପଞ୍ଚମାନେ ନିଜ କାର୍ଯ୍ୟକୁ କିପରି ସମ୍ପାଦନ କରିବେ, ନିଜ ଅଞ୍ଚଳରେ କେଉଁ ସବୁ ପଦକ୍ଷେପ ନେବେ ଏବଂ ଲୋକଙ୍କ ସମସ୍ୟାଗୁଡିକର କିଭଳି ସମାଧାନ କରିବେ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ଚିତ୍ରକୋଣ୍ଡା,୪।୭(ଡି.ଏନ.ଏ.)



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଡାଇକ-୩, ଟନେଲ କ୍ୟାମ୍ପ, ନାକାମାମୁଡ଼ୁ, ମନ୍ତ୍ରୀପୁଟ ଅଞ୍ଚଳରେ ଚିତ୍ରକୋଣ୍ଡା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଗଞ୍ଜେଇ ଜବତ କରିଛି। ଏହାର ପରିମାଣ ୧ କୁଇଣ୍ଟାଲ ୧୯ କେଜି ୧୦୦ ଗ୍ରାମ ବୋଲି ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଶ୍ୟାମ ଖରା(୨୮)। ଖବରରୁ ଜଣାପଡ଼ିଛି ରବିବାର ରାତିରେ ଏସ୍‌ଆଇ ବି.କେ. ଦଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ମନ୍ତ୍ରୀପୁଟ-ନାକାମାମୁଡ଼ି ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କେତେ ଜଣ ବ୍ୟକ୍ତି ନାକାମାମୁଡି ଗ୍ରାମଠାରୁ ୬୦୦ ମିଟର ଦୂରରେ ଥିବା ଜଙ୍ଗଲ ରାସ୍ତାରେ ଛିଡା ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସକୁ ଦେଖି ସେମାନେ ଜଙ୍ଗଲ ଆଡକୁ ଦୌଡି ପଳାଇବାକୁ ଚେଷ୍ଟା କରିବା ସମୟରେ ପୋଲିସ ସେମାନଙ୍କ ମଧ୍ୟରୁ ଶ୍ୟାମଙ୍କୁ କାବୁ କରି ନେଇଥିଲା। ତାଙ୍କ ନିକଟରୁ ୫ଟି ଜରି ବସ୍ତାରେ ଥିବା ଗଞ୍ଜେଇ ଜବତ କରି ଥାନାକୁ ନେଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହାକୁ ଓଡିଶାରୁ ଆନ୍ଧ୍ରର ସିଲେରୁ ଅଞ୍ଚଳକୁ ଚାଲାଣ ପାଇଁ ରଖାଯାଇଥିଲା। କେସ୍ ନଂ. ୮୦/୨୨ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଆଇସି ଅନିଲ ପରିଡ଼ା କହିଛନ୍ତି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ମାଲକାନଗିରି/ପଡିଆ, ୪।୭ (ଡି.ଏନ.ଏ.)

ପଡିଆ ପଞ୍ଚାୟତ ସମିତି ସଭା ଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଶାଳ ସିଂ, ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ପିଏ ଆଇଟିଡିଏ ତ୍ରିନାଥ ମାଝୀ, ପଞ୍ଚାୟତ ସମିତି ଅଧକ୍ଷା ଯମୁନା ମୂଷାକି, ଉପାଧକ୍ଷ କଲ୍ୟାଣ ବିଶ୍ୱାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ପଡିଆ ବିଡିଓ ରାମକୃଷ୍ଣ ନାୟକଙ୍କ ସହ ବ୍ଲକର ସମସ୍ତ ଅଧିକାରୀ ଏବଂ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ, ରାସ୍ତା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ଆସିଥିବା ୧୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗ ଶୁଣିବା ପରେ ଏହାକୁ ଭିତି କରି ସମ୍ପୃକ୍ତ ବିଭାଗଗୁଡିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ମାଟେରୁ ପଞ୍ଚାୟତର ଡେଗଡା ପାଲି, ତେଲାମଗୁଡାରେ ଅମୃତ ସରୋବର ଯୋଜନାରେ ନିର୍ମିତ ପୋଖରୀ ଏବଂ ନିଳିଗୁଡା ପଞ୍ଚାୟତର ଡୁଗୁଡା ଗ୍ରାମର ନିର୍ମିତ ମୋରମ ରାସ୍ତା ବୁଲି ଦେଖିଥିଲେ। ମାଲକାନଗିରି ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ସଭାପତି ଲଳିତ ନାରାୟଣ ମାଡକାମୀ ପଡିଆ ବ୍ଲକରେ ପହଞ୍ଚି ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଲୋକଙ୍କୁ ଉପଯୁକ୍ତ ଜାତିଗତପ୍ରମାଣ ପତ୍ର ଦେବା ପାଇଁ ଆଲୋଚନା କରିଥିଲେ। ଭୁବନପାଲି ନିକଟ କାମାରଗୁଡା ଗ୍ରାମର କୋୟା ଜନଜାତିଙ୍କ ଜାତି ପ୍ରମାଣପତ୍ରରେ ଓବିସି ଥିବାରୁ ଆଦିବାସୀ ହଟିଯାଇଛି। ଫଳରେ ପ୍ରକୃତ ଆଦିବାସୀମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ସେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଗଙ୍ଗା କାରମ, ସୋମା ମାଡି, ବିଷ୍ଣୁ କାରମ ସମସ୍ତେ କୋୟା ସମ୍ପ୍ରଦାୟର। ସେମାନଙ୍କୁ ପ୍ରଦାନ ରାଯାଇଥିବା ପଟ୍ଟାରେ ଭିନ୍ନ ଥିବାରୁ ଏହାକୁ ପରିବର୍ତ୍ତନ ଲାଗି ସେମାନେ ଦାବି କରିଥିଲେ।

# ୩ ଜିଲାକୁ ନେଇ କୋରାପୁଟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ

କୋରାପୁଟ,୪।୭(ସ୍ୱ.ପ୍ର.)- କୋରାପୁଟ ଷ୍ଟାଡିୟମଠାରେ ସୋମବାର ଭଲିଭଲ ନିମନ୍ତେ ଜିଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ କୋରାପୁଟ, ମାଲକାନାଗିରି ଓ ନବରଙ୍ଗପୁର ଜିଲାର ଭଲିବଲ କ୍ରୀଡାବିତମାନେ ଆସିଥିବା ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ମଙ୍ଗଳବାର ଫୁଟବଲ ଓ ଆସନ୍ତା ୮ ତାରିଖରେ ଭାରୋତୋଳନ ପାଇଁ ଖେଳାଳି ଚୟନ କରାଯିବ। ରାଜ୍ୟସ୍ତରୀୟ ଚୟନ ପରେ ଏହି ଖେଳାଳିମାନେ ବିଭିନ୍ନ କ୍ରୀଡା ଛାତ୍ରାବାସରେ ରହିବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝିଙ୍କ ସମେତ ବହୁ କ୍ରୀଡାବିତ୍ ଉପସ୍ଥିତ ଥିଲେ ।



କ୍ରୀଡା ପ୍ରତିଭା ଅନ୍ୱେଷଣରେ ସାମିଲ ହୋଇଥିବା ଖେଳାଳି।

# ୩ ବ୍ଲକର ସରପଞ୍ଚଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋରାପୁଟ,୪।୭(ସ୍ୱ.ପ୍ର.)



ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ୩ ବ୍ଲକର ସରପଞ୍ଚମାନେ।

କୋରାପୁଟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲାର ସରପଞ୍ଚମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ କୋରାପୁଟ, ଜୟପୁର ଓ ବନ୍ଧୁଗାଁ ବ୍ଲକର ସରପଞ୍ଚମାନେ ସାମିଲ ହୋଇ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ନେଇ ପ୍ରଶିକ୍ଷଣ ନେଇଥିବା ଜିଲାପାଳ ଅବଦାଲ ଏମ. ଅଖତାର ସୂଚନା ଦେଇଛନ୍ତି। ଗ୍ରାମ ପଞ୍ଚାୟତର ବିକାଶ ଦିଗରେ ସରପଞ୍ଚମାନଙ୍କ ବଡ ଭୂମିକା ରହିଛି ବୋଲି ଏହି ଅବସରରେ ଜିଲାପାଳ କହିଥିଲେ। ଜିଲା ପରିଷଦ ସଭାପତି ସସ୍ମିତା ମେଲକା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ମାଝି, ଏପିଡି ତାଲିମ ହିମାଂଶୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟର ଏହି ତାଲିମ କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ। ସରକାରଙ୍କ ୫-ଟି ଓ ମୋ ସରକାର, ରାଜ୍ୟ ଓ କେନ୍ଦ୍ର ଅର୍ଥ କମିଶନ, ଗ୍ରାମ ସଭା, ମିଶନ ଶକ୍ତି, ଇ-ଗଭର୍ନାନ୍ସ, ସୋସିଆଲ ମିଡିଆ, ରୁରାଲ ହାଉସିଂ, ଟ୍ରାଇବାଲ ୱେଲଫେୟାର ଆଦି ବିଷୟ ଉପରେ ସରପଞ୍ଚମାନଙ୍କୁ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଗୋବିନ୍ଦପାଲି ଘାଟିରେ ଓଲଟିଲା ୨ ଟ୍ରକ୍

ମାଲକାନଗିରି, ୪।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଗୋବିନ୍ଦପାଲି ଘାଟିରେ ଦୁଇଟି ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଭୟ ଟ୍ରକର ଚାଳକ ଓ ହେଲପର ଏଥିରେ ଆହତ ହୋଇଛନ୍ତି। ପ୍ରକାଶ ଯେ, ମାଲକାନଗିରି ଜୟପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୩୨୬ ମଧ୍ୟରେ ଥିବା ଗୋବିନ୍ଦପାଲି ଘାଟିରେ ରବିବାର ଏକ କୁଣ୍ଡା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ତେବେ ସେହି ରାସ୍ତାରେ ଆଉ ଗୋଟିଏ ପାଇପ୍ ବୋଝେଇ ଟ୍ରକ ରାତିରେ ଯାଉଥିବା ବେଳେ ଠିକ ସେହି ସ୍ଥାନରେ ପୂର୍ବରୁ ଦୁର୍ଘଟଣା ହୋଇ ରହିଥିବା ଟ୍ରକ ସହ ଧକ୍କା ହୋଇ ଓଲଟି ପଡିଥିଲା। ଟ୍ରକଟି ମାଲକାନଗିରି ଜିଲା ଦେଇ ଜଗଦଲପୁର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ସାମଗ୍ରୀ ରାସ୍ତା ଉପରେ ପଡି ରାସ୍ତା ଅବରୋଧ ହୋଇଥିଲା। ତେବେ ଚାଳକ ଓ ହେଲପର ତଳକୁ ଡେଇଁ ପଡିବାରୁ ଉଭୟଙ୍କ ଜୀବନ ରକ୍ଷା ହୋଇଯାଇଥିଲା। ଖବର ପାଇ ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଟ୍ରକ ୨ଟିକୁ ଜବତ କରିଛି।



ଘାଟିରେ ଓଲଟି ପଡିଥିବା ୨ ଟ୍ରକ।

# ୧୫ ହିତାଧିକାରୀ ପାଇନାହାନ୍ତି ୭ ମାସର ଭତ୍ତା

**■ ପଞ୍ଚାୟତ, ବ୍ୟାଙ୍କକୁ ଦୌଡି ହେଉଛନ୍ତି ହଇରାଣ**

**■ ବିଡିଓଙ୍କୁ ଭେଟିବାକୁ ଯାଇ ନିରାଶ**

**■ ପିଇଓଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି: ବିଡିଓ**

ଦଶମନ୍ତପୁର,୪।୭ ( ଡି.ଏନ.ଏ.)




ବିଡିଓଙ୍କୁ ଭେଟିବାକୁ ଆସିଥିବା ହିତାଧିକାରୀ।

୭ମାସ ହେଲାଣି ୧୫ଜଣ ହିତାଧିକାରୀଙ୍କୁ ମିଳୁନି ଭତ୍ତା। ପଞ୍ଚାୟତ ଓ ବ୍ୟାଙ୍କ ବୁଲି ବୁଲି ନୟାନ୍ତ ହେଲେଣି ବୃଦ୍ଧାବୃଦ୍ଧ । ଯାହାକୁ କହିଲେ କେହି ଶୁଣୁନାହାନ୍ତି ସେମାନଙ୍କ ସମସ୍ୟା। ବାଧ୍ୟ ହୋଇ ସେମାନେ ପ୍ରବଳ ବର୍ଷା ସତ୍ତ୍ୱେ ସୋମବାର ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତ ଅନ୍ତର୍ଗତ ହଳଦୀସିଲ ଗ୍ରାମର ହିତାଧିକାରୀଙ୍କ କ୍ଷେତ୍ରରେ।

ଖବରରୁ ଜଣାପଡିଛି ହଳଦୀସିଲ ଗ୍ରାମ ଆଦିବାସୀ ସାହିର ଲିମଦାସ ମୁଦୁଲି, ପାକୁଲୁ ମୁଦୁଲି, ଲିମ ମୁଦୁଲି, କମୁଲୁ ମୁଦୁଲି, ବିରିମଲି ମୁଦୁଲି, ନାଳି ମୁଦୁଲି, ପଦ ମୁଦୁଲି, ଫୁଲମତୀ ମୁଦୁଲି, ସାଲମା ମୁଦୁଲି, ହୀରାମଣୀ ମୁଦୁଲି, ଦଇମତି ମୁଦୁଲି, ଗୁଞ୍ଜଲି ମୁଦୁଲି, ଜେଟି ମୁଦୁଲି, ଦସମା ମୁଦୁଲି, ମଙ୍ଗଲି ମୁଦୁଲି ପ୍ରମୁଖ କହିଛନ୍ତି ଯେ, ଆମେ ୭ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇ ଆସୁଛୁ। ଏନେଇ ପଞ୍ଚାୟତ ପିଇଓ, ସରପଞ୍ଚଙ୍କୁ କହିଲେ ଜମାଖାତାକୁ ଯାଇଛି ବୋଲି କହୁଛନ୍ତି। ବ୍ୟାଙ୍କରେ ଜମାଖାତା ଯାଞ୍ଚ କଲେ ଭତ୍ତା ଟଙ୍କା ଜମାଖାତାକୁ ଆସିନାହିଁ। ଏପରି କ୍ଷେତ୍ରରେ ଆମେ ଗାଁରୁ ବ୍ୟାଙ୍କକୁ ବୁଲି ବୁଲି ହଇରାଣ ହେଉଛୁ ବୋଲି ଉପରୋକ୍ତ ହିତାଧିକାରୀମାନେ ପ୍ରକାଶ କରିଛନ୍ତି । ଶେଷରେ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଡମ୍ବରୁଧର ମଲ୍ଲିକଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ବିଡ଼ିଓ ମୁଜାଙ୍ଗ ପଞ୍ଚାୟତରେ ଅଭିଯୋଗ ଶୁଣାଣିରେ ଥିବାରୁ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଲବକିଶୋର ମଣ୍ଡଳଙ୍କୁ ସାକ୍ଷାତ କରି ନିଜ ସମସ୍ୟା ଜଣାଇଥିଲେ। ଆମର ଭତ୍ତା ସମସ୍ୟା ଶୀଘ୍ର ସମାଧାନ ନ କଲେ ଆଗାମୀ ଦିନରେ ଆମେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡ଼ିଓଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଏ ସମ୍ପର୍କରେ ମୁଁ ସମ୍ପୃକ୍ତ ପଞ୍ଚାୟତର ପିଇଓଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି ବୋଲି କହିଥିଲେ।

